# NATIONAL NEWS BULLETIN (ODIA)

## 23 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସାଂଘାଇ ସହଯୋଗ ସଂଗଠନ ଏବଂ ଭାରତ ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ଚୀନ୍ ଓ ଜାପାନକୁ ୪ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ଆସନ୍ତାମାସ ୩ ଓ ୪ ତାରିଖରେ ନୂଆଦିଲ୍ଲୀରେ ବସିବ ଜିଏସଟି ପରିଷଦର ୫୬ତମ ବୈଠକ
- ଚନ୍ଦ୍ରଯାନ-୩ର ସୁରକ୍ଷିତ ଅବତରଣକୁ ସ୍ମରଣ କରି ଆଜି ସାରା ଦେଶ ପାଳନ କରୁଛି ରାଷ୍ଟ୍ରୀୟ ମହାକାଶ ଦିବସ
- ଅନ୍‌ଲାଇନ୍ ମନୋରଂଜନଧର୍ମୀ ପ୍ଲାଟଫର୍ମ ଟିକ୍‌ଟକ୍ ଉପରୁ ନିଷେଧାଦେଶ ହଟିନଥିବା ସ୍ପଷ୍ଟ କଲେ କେନ୍ଦ୍ର ସରକାର

ଏବଂ

- ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କଲେ ଭାରତର କୁସ୍ତିଯୋଦ୍ଧା କାଜଲ ଦୋଚାକ

# ପିଏମ୍-ଜାପାନ ଚୀନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୨୯ ତାରିଖରୁ ଚାରିଦିନିଆ ଚୀନ୍ ଓ ଜାପାନ ଗସ୍ତରେ ଯିବେ । ଅଗଷ୍ଟ ୨୯ ଓ ୩୦ ତାରିଖରେ ପ୍ରଧାନମନ୍ତ୍ରୀ

ଜାପାନରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଭାଗ ନେବେ । ଏହା ଶ୍ରୀ ମୋଦୀଙ୍କ ଜାପାନକୁ ଅଷ୍ଟମ ଗସ୍ତ ହେବ । ଏହି ଗସ୍ତ କାଳରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ବିଶେଷକରି ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ବିଷୟରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ ତାରିଖରେ ପ୍ରଧାନମନ୍ତ୍ରୀ ଚୀନ୍‌ର ତିଆନ୍‌ଜିନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ବିଶ୍ୱର ବିଭିନ୍ନ ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ସାଂଘାଇ ସହଯୋଗ ସଂଗଠନରେ ୨୦୧୭ ମସିହାଠାରୁ ସଦସ୍ୟ ରହିଛି ।

## ଜିଏସ୍‌ଟି କାଉନ୍‌ସିଲ୍ ମିଟିଂ

ନୂଆଦିଲ୍ଲୀରେ ଆସନ୍ତାମାସ ୩ ଓ ୪ ତାରିଖ ଦୁଇଦିନ ଧରି ସାମଗ୍ରୀ ଓ ସେବାକର ପରିଷଦ-ଜିଏସଟି କାଉନ୍‌ସିଲ୍‌ର ୫୬ତମ ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୈଠକରେ ଅଧ୍ୟକ୍ଷତା କରିବେ । ଗତବର୍ଷ ଡିସେମ୍ବର ମାସରେ ରାଜସ୍ଥାନର ଜୈସଲମେର ଠାରେ ଜିଏସଟି ପରିଷଦର ଶେଷ ବୈଠକ ବସିଥିଲା । ସେହି ବୈଠକରେ ଦ୍ରବ୍ୟ ଓ ସେବାକର କ୍ଷେତ୍ରରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଏସ୍‌ସି-ଇସିଆଇ

ଭୋଟର ତାଲିକାରେ ନାମ ନଥିବା ମତଦାତାମାନଙ୍କ ପଞ୍ଜିକରଣ ନିମନ୍ତେ ଆଧାରକାର୍ଡକୁ ପ୍ରାମାଣିକ ତଥ୍ୟ ଭାବେ ଗ୍ରହଣ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ' ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଜୟ ମାଲ୍ୟା ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ମାମଲାରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି,  ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ୧୧ଟି ଦସ୍ତାବିଜ୍ ସହିତ ଆଧାରକାର୍ଡକୁ ମଧ୍ୟ ପ୍ରାମାଣିକ ତଥ୍ୟ ଭାବେ ଗ୍ରହଣ କରାଯିବ ।

ଅନ୍ୟପକ୍ଷରେ ମତଦାତାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଆବେଦନପତ୍ର ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସମ୍ପୃକ୍ତ ମତଦାତାମାନେ ଅଫ୍‌ଲାଇନ୍‌ରେ ନିଜର ଆବେଦନପତ୍ର ତଥା ଏ ସମ୍ପର୍କିତ ଦସ୍ତାବିଜ୍ ଦାଖଲ କରିବାର ଆବଶ୍ୟକତା ନାହିଁ ।  ଏଭଳି ମତଦାତାମାନଙ୍କୁ ସାହାଯ୍ୟ କରିବା ଲାଗି ସର୍ବୋଚ୍ଚ ଅଦାଲତ ବିଭିନ୍ନ ରାଜନୈତିକ ଦଳ ଏବଂ ସେମାନଙ୍କର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଫର୍ଟିଲାଇଜର ପ୍ରଡକ୍ସନ

ଚଳିତ ଖରିଫ୍ ଋତୁରେ ରାଜ୍ୟଗୁଡ଼ିକୁ ଯେଭଳି ସହଜରେ ସାର ମିଳିପାରିବ, ସେ ନେଇ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ

କରୁଛନ୍ତି । କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁରେ ୧୪୩ ଲକ୍ଷ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ଥିବା ବେଳେ, ସରକାର ୧୮୩ ଲକ୍ଷ ମେଟ୍ରିକ୍ ଟନ୍ ସାର ଯୋଗାଇ ଦେଇଛନ୍ତି । ଏପର୍ଯ୍ୟନ୍ତ ୧୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ବିକ୍ରୟ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ସୂଚନା ଅନୁଯାୟୀ ୪୫ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ଆବଶ୍ୟକ ଥିବାବେଳେ ୪୯ ଲକ୍ଷ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇଛି । ଗତ ୧୦ବର୍ଷରେ ୟୁରିଆ ଉତ୍ପାଦନ କ୍ଷେତ୍ରରେ ରେକର୍ଡ ହାସଲ କରାଯାଇଥିବା ମନ୍ତ୍ରଣାଳୟ କହିଛି । ୨୦୨୪-୨୫ ରେ ୩୦୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ୟୁରିଆ ଉତ୍ପାଦନ ହୋଇଥିବା ଜଣାପଡ଼ିଛି । ସେହିପରି ୧୫୮ ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ମଧ୍ୟ ଉତ୍ପାଦନ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଜାତୀୟ ମହାକାଶ ଦିବସ

ସାରା ଦେଶ ଆଜି ଦ୍ୱିତୀୟ ରାଷ୍ଟ୍ରୀୟ ମହାକାଶ ଦିବସ ପାଳନ କରୁଛି । ଚଳିତ ବର୍ଷର ଉତ୍ସବର ବିଷୟବସ୍ତୁ ହେଉଛି **ଆର୍ଯ୍ୟଭଟ୍ଟଙ୍କ ଠାରୁ ଗଗନଯାନ – ପାରମ୍ପରିକ ଜ୍ଞାନରୁ ଅସୀମିତ ସମ୍ଭାବନା** । ଏଥିରେ ସମାଜ ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗଭୀର ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି ।

ସୂଚନା ଯୋଗ୍ୟ ୨୦୨୩ ମସିହା ଆଜିର ଦିନରେ ଚନ୍ଦ୍ରଯାନ-୩ ମିଶନରେ ଚନ୍ଦ୍ର ପୃଷ୍ଠରେ ବିକ୍ରମ ଲ୍ୟାଣ୍ଡରର ସୁରକ୍ଷିତ ଓ ସହଜ ଭାବେ ଅବତରଣ କରିଥିଲା । ଏହି ଉପଲବ୍ଧି ସହିତ ଭାରତ ମହାକାଶ ଯାତ୍ରା କରୁଥିବା

ରାଷ୍ଟ୍ରଗୁଡ଼ିକର ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିବା ଚତୁର୍ଥ ରାଷ୍ଟ୍ର ଏବଂ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିଥିବା ପ୍ରଥମ ରାଷ୍ଟ୍ର ହୋଇଥିଲା। ସହଜ ଅବତରଣ ପରେ ପ୍ରଜ୍ଞାନ ରୋଭର ଚନ୍ଦ୍ର ପୃଷ୍ଠରେ ସଫଳ ଭାବେ କାର୍ଯ୍ୟ କରିଥିଲା। ଚନ୍ଦ୍ର ପୃଷ୍ଠରେ ଅବତରଣ ସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିବ ଶକ୍ତି ପଏଣ୍ଟ ନାମରେ ନାମିତ କରିଥିଲା ଏବଂ ଅଗଷ୍ଟ ୨୩କୁ ରାଷ୍ଟ୍ରୀୟ ମହାକାଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା । ୧୯୬୦ ମସିହାର ପ୍ରାରମ୍ଭରେ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ସ୍ୱତନ୍ତ୍ର ଜ୍ଞାନକୌଶଳ ବିକଶିତ କରି କ୍ରମାଗତ ଭାବେ ଅଗ୍ରଗତି କରିଥିଲା ।

ଏହି ଦିବସ ପାଳନର ପୂର୍ବ ସନ୍ଧ୍ୟାରେ ଗତକାଲି ଇସ୍ରୋ ପକ୍ଷରୁ ଦ୍ୱିତୀୟ ମହାକାଶ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ବିଭିନ୍ନ ମନ୍ତ୍ରଣାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂଗଠନ, ଷ୍ଟାର୍ଟଅପ୍ ଏବଂ ବିଶେଷଜ୍ଞମାନେ ଯୋଗଦେଇ ଭାରତୀୟ ମହାକାଶ କ୍ଷେତ୍ରର ବିକାଶ ଉପରେ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୪ ମାସ ମଧ୍ୟରେ ୧୦ଟି ଆଲୋଚନାଚକ୍ର ମାଧ୍ୟମରେ ଅନେକ ବିଶେଷଜ୍ଞ ଭବିଷ୍ୟତ ଯୋଜନା ନିମନ୍ତେ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର କହିଛନ୍ତି, ଭାରତର ମହାକାଶ ଯାତ୍ରା ଏବଂ ଏହାର ଉଦ୍ଦେଶ୍ୟ ପୂରଣ ଲାଗି ସରକାରଙ୍କ ସମସ୍ତ ବିଭାଗ ଯୋଗଦାନ ଦେଇଛି । ଶ୍ରୀ ମିଶ୍ର କହିଛନ୍ତି, ୨୦୧୪ ମସିହାରୁ ଆଜିପର୍ଯ୍ୟନ୍ତ ଭାରତର ମହାକାଶ ଅଭିଯାନ କ୍ଷେତ୍ରରେ ୩୫୦ରୁ ଅଧିକ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି । ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ୍ କହିଛନ୍ତି, ୧୯୬୩ ମସିହାରୁ

ଭାରତର ରକେଟ୍ ପ୍ରକ୍ଷେପଣଠାରୁ ଆରମ୍ଭ କରି ବିକଶିତ ଭାରତ ୨୦୪୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହାକାଶ ଯାତ୍ରା ଭାରତକୁ ଅନନ୍ୟ ପରିଚୟ ପ୍ରଦାନ କରିଛି ।

ଆଜି ଜାତୀୟ ମହାକାଶ ଦିବସ ଅବସରରେ ମହାକାଶ ବିଭାଗ ପକ୍ଷରୁ ଏକମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ଗଭ୍-ଟିକ୍‌ଟକ୍ ବ୍ୟାନ୍

ଦେଶରେ ଅନ୍‌ଲାଇନ୍ ମନୋରଂଜନଧର୍ମୀ ପ୍ଲାଟଫର୍ମ ଟିକ୍‌ଟକ୍ ଉପରୁ ନିଷେଧାଦେଶ ପ୍ରତ୍ୟାହାର କରାଯାଇ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭାରତରେ ପୁଣି ଟିକ୍‌ଟକ୍ ପ୍ରଚଳନ ହୋଇଥିବା ଏବଂ ସରକାର ନିଷେଧାଦେଶ ପ୍ରତ୍ୟାହାର କରିନେଇଥିବା ନେଇ ମିଥ୍ୟା ଏବଂ କପୋଳକଳ୍ପିତ ସମ୍ବାଦ ପ୍ରସାରିତ ହେବା ପରେ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଶ୍ରୀଲଙ୍କା ପ୍ରେଜ୍-ଆରେଷ୍ଟ

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେଙ୍କୁ ଅର୍ଥ ହେର୍‌ଫେର୍ ମାମଲାରେ ଗିରଫ୍ କରାଯାଇଛି । ତାଙ୍କୁ ସ୍ଥାନୀୟ କଲମ୍ବୋ ଫୋର୍ଟ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ୍‌ରେ ହାଜର କରାଯିବା ପରେ ହାଜତକୁ ପଠାଯାଇଛି । ସେ ହାଜତରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରହିବେ ବୋଲି ଜଣାପଡ଼ିଛି । ସରକାରୀ ଅର୍ଥ ହେରଫେର ଅଭିଯୋଗରେ ତାଙ୍କୁ ଗିରଫ

କରାଯାଇଛି । ତେବେ ଶ୍ରୀ ବିକ୍ରମା ସିଂଘେ ତାଙ୍କ ପତ୍ନୀଙ୍କ କର୍କଟରୋଗ ଚିକିତ୍ସା ନିମନ୍ତେ ଜାମିନ ପାଇଁ ଆବେଦନ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ୨୦୨୩ ମସିହାରେ ସରକାରୀ ଅର୍ଥରେ ଲଣ୍ଡନ୍‌କୁ ବ୍ୟକ୍ତିଗତ କାର୍ଯ୍ୟରେ ଯାଇଥିବା ସମ୍ପର୍କିତ ଅଭିଯୋଗ ଉପରେ ତାଙ୍କୁ ପଚରାଉଚରା କରାଯିବା ପରେ ଗିରଫ୍ କରାଯାଇଛି । ପୁଲିସ୍ କହିଛି, ୨୦୨୨ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଶ୍ରୀଲଙ୍କାର ରାଷ୍ଟ୍ରପତି ଥିବା ଏହି ୭୬ ବର୍ଷ ବୟସ୍କ ନେତା ଓଲଭରହାମ୍‌ଟନ୍ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର୍ ଥିବା ତାଙ୍କର ପ୍ରତ୍ନୀ ମୈର୍ଥୀ ବିକ୍ରମ ସିଂଘେଙ୍କର ପି.ଏଚ୍.ଡି. ସମାରୋହରେ ଯୋଗଦେବା ଲାଗି ଏହି ଅର୍ଥର ଦୂରୁପଯୋଗ କରିଛନ୍ତି । ସମ୍ପୂର୍ଣ୍ଣ ଗସ୍ତରେ ପ୍ରାୟ ୫୦ ହଜାର ଡଲାର୍ ଖର୍ଚ୍ଚ ହୋଇଥିବା ତଦନ୍ତକାରୀ ସଂସ୍ଥା କହିଛି ।

ଅନ୍ୟପକ୍ଷରେ ୟୁନାଇଟେଡ୍ ନ୍ୟାଶନାଲ୍ ପାର୍ଟି ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହିତ ସଂପୃକ୍ତ ବିଶ୍ୱବିଦ୍ୟାଳୟ ଉଭୟ ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ନିମନ୍ତ୍ରଣ କରିଥିଲା ବୋଲି ଦାବି କରିଛି ।

# ରେସ୍‌ଲିଂ

ବୁଲ୍‌ଗେରିଆରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ କୁସ୍ତି ଯୋଦ୍ଧା ପ୍ରତିଯୋଗିତାରେ ଭାରତର କାଜଲ୍ ଦୋଚାକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଶ୍ରୁତି ଏବଂ ସାରିକା କାଂସ୍ୟ ପଦକ ଜିତିଛନ୍ତି । ପ୍ରତିଯୋଗିତାରେ ୧୭ବର୍ଷୀୟା ହରିଆଣାର କୁସ୍ତିଯୋଦ୍ଧା କାଜଲ ୭୨ କିଲୋଗ୍ରାମ ବର୍ଗରେ ଚୀନର ୟୁକି ଲିଉ ଙ୍କୁ ୮-୬ରେ ପରାସ୍ତ କରିଥିବା

ବେଳେ ସାରିକା ପୋଲାଣ୍ଡର ଖେଳାଳିଙ୍କଠାରୁ ଏବଂ ଶ୍ରୁତି ଜର୍ମାନ ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି ।

ପୁରୁଷବର୍ଗରେ ସୁରଜ ଫ୍ରାନ୍ସର ଖେଳାଳିଙ୍କଠାରୁ ପରାସ୍ତ ହୋଇ କାଂସ୍ୟପଦକ ହାସଲ କରିଛନ୍ତି । ଏପର୍ଯ୍ୟନ୍ତ ଭାରତୀୟ କୁସ୍ତିଯୋଦ୍ଧାମାନେ ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୩ଟି କାଂସ୍ୟପଦକ ହାସଲ କରିଛନ୍ତି ।

## ମାଣ୍ଡବ୍ୟ-ସ୍ପୋର୍ଟସ୍ ଡେ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆସନ୍ତା ୨୯ ତାରିଖରେ ପାଳନ ହେବାକୁ ଥିବା ଜାତୀୟ କ୍ରୀଡ଼ା ଦିବସରେ ସୁସ୍ଥ ରହିବା ଏବଂ ଖେଳ ପାଇଁ ଗୋଟିଏ ଘଣ୍ଟା ଉତ୍ସର୍ଗ କରିବାକୁ ଅନୁରୋଧ କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଫିଟ୍ ଇଣ୍ଡିଆ ମିଶନ୍ ଏବଂ ଭାରତୀୟ କ୍ରୀଡ଼ା ଇକୋ ସିଷ୍ଟମ୍ ଚଳିତବର୍ଷର ଜାତୀୟ କ୍ରୀଡ଼ା ଦିବସ ଉତ୍ସବର ନେତୃତ୍ୱ ନେବ । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୨୦୩୬ରେ ଭାରତ ଅଲିମ୍ପିକ୍ସ ଏବଂ ପାରା ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ପାଇଁ ପ୍ରସ୍ତୁତ ହେଉଥିବାରୁ ନାଗରିକମାନଙ୍କୁ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରଣାଳୟ ଆଗ୍ରହ ପ୍ରକାଶ କରିଛି । ଚଳିତ ଅଗଷ୍ଟ ୩୧ ତାରିଖରେ ସାରା ଦେଶରେ ଲୋକମାନେ ସାଇକେଲ୍ ଚାଳନା କରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।